# ତହସିଲ କାର୍ଯ୍ୟାଳୟ ରାସଗୋବିନ୍ଦପୁର , ଜିଲ୍ଲା-ମୟୂରଭଞ୍ଜ

ବିଜ୍ଞାପନ ସଂ- ୯୧୦ //ତା ୦୮।୦୪।୨୦୨୧

## ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷୀୟ ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ରାସଗୋବିନ୍ଦପୁର ତହସିଲ ଅନ୍ତର୍ଗତ ବାଛୁରିପାଳ ଜମ୍ବୀରା ନଦୀ ବାଲି ଲଘୁ ଖଣିଜ ଖାଦାନ ନିମନ୍ତେ 2021-22 ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦି ଲିଜ ପାଞ୍ଚ ବର୍ଷ ନିମନ୍ତେ (2021-22 ରୁ ପାଞ୍ଚ ବର୍ଷ) ତହସିଲଦାର ରାସଗୋବିନ୍ଦପୁର ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ଜଉମୁଦା ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ କେଶ ନଂ ଲେଖି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବକ୍ସରେ **28.04.2021** ରିଖ ଅପରାହ୍ନ **୧.୦୦** ଘଟିକା ସୁଦ୍ଧା ପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ତା **29.04.2021** ପୂର୍ବାହ୍ନ ୯.୦୦ ଘଟିକା ସମୟରେ ଲିଜ ଦରଖାସ୍ତ କାରି କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ପ୍ରଥମ ଧାର୍ଯ୍ୟ ଦିବସରେ ଲିଜ ଚୁଡାନ୍ତ ହୋଇପାରିନଥିବା ଉତ୍ସ ପାଇଁ ଦିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ ତା **06.05.2021** ରିଖ ଏବଂ ତା **13.05.2021** ରିଖ ଅପରାହ୍ନ **୧.୦୦** ଘଟିକା ପର୍ଯନ୍ତ ଦରଖାସ୍ତ ଗ୍ରହଣ କରାଯାଇ ପରଦିନ ପୂର୍ବାହ୍ନ ୯.୦୦ ଘଟିକା ସମୟରେ ଉପର ବର୍ଣିତ ପ୍ରକ୍ରିୟାରେ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ । ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି ରାସଗୋବିନ୍ଦପୁର ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । **କୌଣସି କାରଣ ନ ଦର୍ଶାଇ ଲିଜ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।**

<u>ଆବେଦନ ପତ୍ର (Form-M) ସହିତ ଦାଖଲ କରିବାକୁ ଥିବା ଦଲିଲ/କାଗଜପତ୍ର:</u>

୧. ଦରଖାସ୍ତ ଫି ବାବଦକୁ ଟ ୧୦୦୦ ଙ୍କା(ଏକ ହଜାର ଟଙ୍କା)ଟ୍ରେଜେରୀ ଚାଲାଣ ଯାହା ଫେରସ୍ତ ଯୋଗ୍ୟ ନୁହେଁ ଏବଂ ଏହା ନିମ୍ନ ଲିଖିତ Head of account ରେ ଜମା ହେବା ଉଚିତ ।

**0853-Non-ferrous mining & metallurgical 102-Mineral concession fees, rent & royalties -0217-receipts under Odisha Minor Minerals concession fees, rents & royalties(New)** – 02021

2. ଖଣିଜଦ୍ରବ୍ୟ ବାବଦରେ କୌଣସି ଦେୟ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

3. Bank Guarantee ଯାହାକି ବାର୍ଷିକ ସର୍ବନିମ୍ନ ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ(Minimum guaranteed quantity) ନିମନ୍ତେ ଆବେଦନ କାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ (Additional Charge) ଠାରୁ କମ ହୋଇନଥିବ ଏବଂ ତାହା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବୈଧ ଥିବ ।

4. ଦରଖାସ୍ତ କରିଥିବା ସୈରାତ ଉତ୍ସ ବାବଦକୁ ଅମାନତ ରାଶି (EMD) ଯାହାକି ଧାର୍ଯ୍ୟ କରାଯାଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତଳନ (Minimum guaranteed quantity) ପରିମାଣ ଉପରେ ଆବେଦନକାରୀ ଦର୍ଶାଇଥିବା Royalty ଏବଂ Additional Charge ର ଶତକଡା ୫ ଭାଗ ହୋଇଥିବ ଏବଂ ଏହି ଅର୍ଥକୁ ତହସିଲଦାର ରାସଗୋବିନ୍ଦପୁରଙ୍କ ଉଦ୍ଦେଶ୍ୟରେ Bank draft ଆକାରରେ ଦରଖାସ୍ତ ସହିତ ଦାଖଲ କରିବେ ।

ତହସିଲଦାର
ରାସଗୋବିନ୍ଦପୁର

ସର୍ତ୍ତାବଳୀ :

୧. ଆବେଦନକାରୀ ଓଡିଶା ଲଘୁଖନିଜ ଦ୍ରବ୍ୟ ରିହାତି ଆଇନ OMMC Rule-2016, ଲଘୁ ଖଣିଜ ଦ୍ରବ୍ଯ ରିହାତି ସଂଶୋଧନ ନିୟମାବଳୀ ୨୦୧୭ ଓ Manual of Tahasil Account ର ପରିସର ଭୁକ୍ତ ରହିବେ । ଏତଦବ୍ୟତୀତ ଯଦି ସରକାରଙ୍କ ଦ୍ଵାରା ଆଇନ ରେ କିଛି ପରିବର୍ତନ କରାଯାଏ, ତେବେ ତାହା ପାଳନ କରିବେ।

୨. ଲିଜ ଆବେଦନ କରିବା ପୂର୍ବରୁ ଆବେଦନକାରୀ ଲଘୁ ଖଣିଜ ଖାଦାନ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗ ନେବେ । ପରବର୍ତ୍ତୀ ସମୟରେ ସୈରାତ ଚଳାଇବା ବାବଦରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

୩. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ଯୟ ପାଇଁ କର୍ତୃପକ୍ଷ୍ୟ ଦାଇ ରହିବେ ନହିଁ ।

୪. ଆବେଦନକାରୀ ଦରଖାସ୍ତରେ Royalty ଏବଂ Additional Charge ସ୍ୱଷ୍ଟ ଭାବରେ ଲେଖିବେ ଯାହା ସର୍ବନିମ୍ନ ଧାର୍ଯ୍ୟ Royalty ଏବଂ Additional Charge ଠାରୁ କମ ହୋଇନଥିବ । ସର୍ବନିମ୍ନ Royalty ଏବଂ Additional Charge ଠାରୁ କମ ଦର୍ଶଯାଇଥିବା କିମ୍ବା ଆବଶ୍ୟକୀୟ କାଗଜାତ ସଂଲଗ୍ନ ନଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ତଥା ସର୍ବାଧିକ Royaltyଏବଂ Additional Chargeଦର୍ଶାଇଥିବା ଆବେଦନ କାରୀଙ୍କୁ ଲିଜ ପ୍ରଦାନ କରାଯିବ । ଯଦି ଏକାଧିକ ଆବେଦନକାରୀଙ୍କ ଦ୍ଵାରା ଦର୍ଶଯାଇଥିବା ଏହି ମୂଲ୍ୟ ସମାନ ଥାଏ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୫. ବିଗତ ବର୍ଷ ୧୪.୧୨.୨୦୧୬ ଠାରୁ ଲଘୁ ଖଣିଜ ଜାତ ଦ୍ରବ୍ୟ ପାଇଁ OMMC Rule-2016 ଅନୁଯାଇ ନିମ୍ନମତେ (Royalty, Surface Rent ଏବଂ Dead Rent) ଧାର୍ଯ୍ୟ ହୋଇଅଛି ।

**Sand per Cum ..........................................................................Rs.35.00**

**Surface Rent per Ha. Per Annum for all Minor Minerals ............Rs.360.00**

**Dead Rent per Ha. Per Annum for Sand ....................................Rs.10,500.00**

**(Dead Rent and Royalty Both is payable)**

ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ଟ.୨.୦୦ଙ୍କ ରୁ କମ ହେବା ଉଚିତ ନୁହେଁ ।

୬. ଯୋଗ୍ୟ ଆବେଦନକାରୀଙ୍କୁ ମନୋନୟନର ୭ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମ " F " ରେ ସୁଚିତ କରାଯିବ ଏବଂ ସୂଚନା ପାଇବାର ୧୫ ଦିନ ମଧ୍ୟରେ ସେ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ ରେ ଥିବା ସର୍ତ୍ତାବଳୀ ଗ୍ରହଣ ପୂର୍ବକ ସମ୍ମତି ପ୍ରଦାନ କରିବେ ଏବଂ ଧାର୍ଯ୍ୟ ହୋଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା Royaltyଏବଂ **Additional Charge**ତଥା **District Mineral Foundation**କୁ ଥିବା ଦେୟର ଏକ ଚତୁର୍ଥାଂଶରୁ ଅମାନତ ରାଶି ବାଦ ଦେଇ ବଳକା ଅର୍ଥ **Draft** କିମ୍ବା **Cash** ଆକାରରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଜମା କରିବେ ।

ତହସିଲଦାର
ରାସଗୋବିନ୍ଦପୁର

୭. ଲିଜ ଦେବାକୁଥିବା ସୈରାତ ଉତ୍ସଗୁଡିକର **Mining Plan** ଏବଂ ପରିବେଶ ମଞ୍ଜୁରୀ ବିଭାଗୀୟ କରତୃପକ୍ଷଙ୍କ ଠାରୁ ହସ୍ତଗତ ହୋଇଅଛି । ହସ୍ତଗତ ହୋଇଥିବା **Mining Plan** ସମ୍ପୃକ୍ତ ଉତ୍ସର ଖର୍ଚ୍ଚ ବାବଦକୁ ଆବଶ୍ୟକୀୟ ଦେୟ ଲିଜଧାରୀ ଚୁକ୍ତିନାମା ପୂର୍ବରୁ ଦାଖଲ କରିବେ ।

୮. ଇସ୍ତାହାରରେ ଦର୍ଶାଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣରେ ପରିବର୍ତନ ହେଲେ ସେହି ଅନୁସାରେ ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେବ ଏବଂ ଲିଜଧାରୀ ବକେୟା ଅର୍ଥ ପଇଠ କରିବେ ।

୯. ଲିଜଧାରୀ Royalty, Additional Charge, ସହିତ ନିର୍ଦ୍ଧାରିତ Surface Rent, Dead Rent, Fees for Compensatory a forestation, Royalty ଏବଂ Additional Charge ର ୧୦ ପ୍ରତିଶତ District Mineral Foundation Fees, ୫ ପ୍ରତିଶତ Environmental Management Fund ଏବଂ ୨ ପ୍ରତିଶତ( ଯଦି Pan Card ଥାଏ )କିମ୍ବା ୨୦ ପ୍ରତିଶତ ( ଯଦି Pan Card ନ ଥାଏ ) ଆୟକର ବାବଦକୁ ଦାଖଲ କରିବେ ।

୧୦. ଲିଜଧାରୀ ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣ ଉପରେ Royalty, Additional Charge ଏବଂ District Mineral Foundation Fees ବାବଦ ଦେୟକୁ ତ୍ରୈମାସିକ ଅଗ୍ରୀମ ଆକାରରେ ଆନୁପାତିକ ହାରରେ ଜମା କରିବେ । ଚୁକ୍ତିନାମା ପୂର୍ବରୁ ପ୍ରଥମ କିସ୍ତି ତ୍ରୈମାସିକ ଦେୟ ଦାଖଲ କରିବେ ।

**୧୧. ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କଲେ ଲିଜଧାରୀ Royalty, Additional Charge ଏବଂ District Mineral Foundation Fees କୁ ଆନୁପାତିକ ହାରରେ ଜମା କରି ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ।**

୧୨. ଲିଜଧାରୀ ସୈରାତ ଉତ୍ସରୁ ଲଘୁଖଣିଜ ପଦାର୍ଥ ଉତ୍ତୋଳନ ପୂର୍ବରୁ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ସମ୍ମତି ଆଣିବେ ।

୧୩. ପରିବେଶ ମଞ୍ଜୁରୀ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ସମ୍ମତି ମିଳିବା ପରେ ଲିଜଧାରୀ Registration Act.1908 ଏବଂ Stamp Act.1899 ଅନୁଯାଇ ନିଜ ଖର୍ଚ୍ଚରେ ଚୁକ୍ତିନାମା ସମ୍ପାଦନ କରିବେ ।

୧୪. ଲିଜଧାରୀ ନିଜ ଖର୍ଚ୍ଚରେ ସୈରାତ ଉତ୍ସଥିବା ପ୍ଲଟର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନାମ, ନକ୍ସା, ଲିଜ ଅବଧି, ଲିଜଧାରୀଙ୍କ ନାମ ଏବଂ ଅନ୍ୟାନ୍ୟ ତଥ୍ୟ ଉଲ୍ଲେଖ କରିବେ ।

୧୫. ଉପୋରକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ କରିବା ପାରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ନାହିଁ ।

୧୬. ସରକାରଙ୍କ ଦ୍ୱାରା ନିୟମରେ କୌଣସି ପରିବର୍ତନ କରାଗଲେ ତାହା ଲିଜଧାରୀ ପାଳନ କରିବାକୁ ବାଧ୍ୟ ରହିବେ ।

୧୭. ବାଲି ନିଲାମଧାରୀ ନଦୀ ଶଯ୍ୟାର ତିନି ମିଟର ଗଭୀରତା ଓ ଜଳସ୍ତର ମଧ୍ୟରୁ ଯେଉଁଟି କମ ସେହି ଗଭୀରତାରୁ ଅଧିକ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରି ଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମ କରି ବାଲି ଖନନ କରିପାରିବେ ନାହିଁ ।

୧୮. ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି ।

୮.୪.୨୧

ତହସିଲଦାର
ଭାସଗୋବିନ୍ଦପୁର

ଜ୍ଞାପକ ସଂଖ୍ୟା ୯୧୧ //ତା ୦୮.୦୪.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ /ଉପ-ଜିଲ୍ଲାପାଳ , ବାରିପଦା , /ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାସଗୋବିନ୍ଦପୁର /ରାସଗୋବିନ୍ଦପୁର ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ/ରାସଗୋବିନ୍ଦପୁର ପଞ୍ଚାୟତ ସମିତିର ସମସ୍ତ ସାରପଞ୍ଚଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲା Website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

8.4.21

ତହସିଲଦାର, ରାସଗୋବିନ୍ଦପୁର
ତହସିଲଦାର
ରାସଗୋବିନ୍ଦପୁର

ଜ୍ଞାପକ ସଂଖ୍ୟା ୯୧୨ //ତା ୦୮.୦୪.୨୦୨୧

ଏହାର ଏକକିତା ନକଲ ତହସିଲଦାର, ରାସଗୋବିନ୍ଦପୁର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଦିଆଗଲା ।

8.4.21

ତହସିଲଦାର, ରାସଗୋବିନ୍ଦପୁର
ତହସିଲଦାର
ରାସଗୋବିନ୍ଦପୁର

# ତ୍ରୁଟି ସଂଶୋଧନ ଇସ୍ତାହାର

## ତହସିଲ କାର୍ଯ୍ୟାଳୟ ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ

**ବିଜ୍ଞାପନ ସଂ ୯୬୯ // ତା-୧୩/୦୪/୨୦୨୧ରିଖ**

ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷୀୟ ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଉକ୍ତ ତହସିଲ କାର୍ଯ୍ୟାୟଳର ବିଜ୍ଞାପନ ସଂ୯୧୦, ତା୦୮.୦୪.୨୦୨୧ରିଖର ଆବେଦନ ପତ୍ର (Form-M) ଏବଂ ସର୍ତ୍ତାବଳୀରେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ଏଥି ନିମନ୍ତେ ନିମ୍ନରେ ତ୍ରୁଟି ସଂଶୋଧନ କରାଗଲା ।

୧) ବାର୍ଷିକ ସର୍ବ ନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନ କାରୀ ଦରଖାସ୍ତରେ ଦର୍ଶାଯାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟର ସମପରିମାଣ ମୂଲ୍ୟର ୧୮ ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) କିମ୍ବା ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବା ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ଆବେଦନ ସହିତ ଦାଖଲ କରିବାକୁ ହେବ ।

Bank Guarantee = (MGQ of that Quarry for 1st year) x (Offered Additional Charge + Royalty)

୨) ମନୋନିତ ଆବେଦନକାରୀ Mining Plan ତଥା Environmental Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡ଼ିବ । ଏଥି ସହିତ ଲିଜ୍ ଧାରୀମାନେ ବିଜ୍ଞାପନ ଖର୍ଚ୍ଚ ଆନୁପାତିକ ଭାବରେ ବହନ କରିବେ ।

୩) ଲିଜଧାରୀ ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣ ଉପରେ Royalty, Additional Charge ଏବଂ District Mineral Foundation Fees ବାବଦ ଦେୟକୁ ବାର୍ଷିକ ଅଗ୍ରୀମ ଆକାରରେ ଜମା କରିବେ ।

୪) ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ଠାରୁ ଅଧିକ ଖଣିଜ ପଦାର୍ଥ ଲିଜଧାରୀ ଉତ୍ତୋଳନ କରିପାରିବେ ନାହିଁ ।

୫) ନିଲାମଧାରୀ Mining Plan ଏବଂ Irrigation ସର୍ତ୍ତ ମୁତାବକ ବାଲି ଉତ୍ତୋଳନ କରିବେ ।

୧୩/୦୪/୨୦୨୧

ତହସିଲଦାର
ରାସଗୋବିନ୍ଦପୁର

୬) ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସଂପତ୍ତିର (Immovable Property) ତାଲିକା ଦେବାକୁ ପଡ଼ିବ ।

୭) ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw lots) ମାଧ୍ୟମରେ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୮) ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୯) ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।

୧୦) ନିଲାମଧାରୀ OMMC Rule – 2016 ରେ ନିୟମ- 33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ । ଲିଜ୍‌ଧାରୀ ନିର୍ଦ୍ଧାରୀତ ନିୟମର ଉଲଙ୍ଘନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତିତ OMMC Rule - 2016 ଅନୁସାରେ ମଧ୍ୟ ଦଣ୍ଡିତ ହେବେ ।

ତହସିଲଦାର
ଭାସଗୋବିନ୍ଦପୁର

୧୧) ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରୀକ ଉପାୟରେ କରିବେ ନାହିଁ, ତଥା କୌଣସି ଭାରି ଯାନ ଯେପରିକି, ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ ।

Vehicle to be used as approved in the Mining Plain

**ଲିଜ୍ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ।**

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନମ୍ବର | ଖାତା ନଂ | ପ୍ଲଟ ନଂ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି ଉଠାଇବାର ପରିମାଣ Cum (ପ୍ରଥମ ବର୍ଷ ପାଇଁ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ବାଛୁରୀପାଳ | ବାଛୁରୀପାଳ ବାଲି ଉତ୍ସ, ସୈରାତ କେଶ ନଂ 08/2020-21 | ୨୦୩ | ୪୧୬/୧ | ୦୧.୨୦ | ଟ.୩୫.୦୦ + ଟ.୨.୦୦ = ଟ.୩୭.୦୦ | ୨୩,୦୦୦ Cum | |
| | | | | ୪୧୬/୩ | ୦୧.୩୦ | | | |
| | | | | ୪୨୦/ ୧୨୪୮/୧ | ୦୯.୩୫ | | | |
| | | | | | ୦୧୨.୩୫ | | | |

***ଜ୍ଞାପକ ସଂଖ୍ୟା ୯୨୦ // ତା୧୩.୦୪.୨୦୨୧***

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ/ ଉପ-ଜିଲ୍ଲାପାଳ, ବାରିପଦା,/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାସଗୋବିନ୍ଦପୁର/ ରାସଗୋବିନ୍ଦପୁର ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ/ ରାସଗୋବିନ୍ଦପୁର ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲା Website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ରାସଗୋବିନ୍ଦପୁର

ତହସିଲଦାର
ରାସଗୋବିନ୍ଦପୁର

***ଜ୍ଞାପକ ସଂଖ୍ୟା ୯୨୧ // ତା୧୩.୦୪.୨୦୨୧***

ଏହାର ଏକକିତା ନକଲ ତହସିଲଦାର, ରାସଗୋବିନ୍ଦପୁର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଦିଆଗଲା ।

ତହସିଲଦାର, ରାସଗୋବିନ୍ଦପୁର

ତହସିଲଦାର
ରାସଗୋବିନ୍ଦପୁର